# ପଶୁପକ୍ଷୀପ୍ରେମୀଙ୍କ ପାଇଁ

■ ଯଦୁମଣି ପାଣିଗ୍ରାହୀ

ସେଦିନ ଖବରକାଗଜରେ ପ୍ରକାଶିତ ଏକ ଖବର ପାଠ କରି ଜାଣିବାକୁ ପାଇଲି ଯେ ଜନୈକ ପକ୍ଷୀବିକାଳି କିଛି ଶୁଆ/ଶାରୀ ବୁଲି ବୁଲି ବିକ୍ରି କରୁଥିବା ବେଳେ କିଛି ବ୍ୟକ୍ତି ତାକୁ ଗିରଫର ଭୟ ଦେଖାଇ ତା'ଠାରୁ ଚାରୋଟି ପକ୍ଷୀ ବଳପୂର୍ବକ ଛଡ଼େଇ ନେବା ପରେ ଜିଲ୍ଲା ବନ୍ୟପ୍ରାଣୀ ବିଭାଗକୁ ଫୋନ କରି ସମ୍ପୃକ୍ତ ପକ୍ଷୀବିକାଳିକୁ ଗିରଫ କରିବାରେ ଆବଶ୍ୟକ ସହାୟତା କରିଥିଲେ। ବନ୍ୟପ୍ରାଣୀ ବିଭାଗ ପକ୍ଷରୁ ପକ୍ଷୀଗୁଡ଼ିକୁ ଜବତ କରାଯିବା ସହିତ ମୁକ୍ତ ଆକାଶରେ ଅବାଧ ବିଚରଣ ନିମନ୍ତେ ସେମାନଙ୍କୁ ଛାଡ଼ି ଦିଆଯାଇଥିଲା। ଆଉ ଆଇନ କାନୁନ୍ ବୁଝି ନଥିବା ପକ୍ଷୀ ବିକାଳିଟି ଆଇନର ଅଦୃଆ ଜାଲରେ ଛନ୍ଦିହୋଇ ଜେଲର ଚାରିକାନ୍ଥ ଭିତରେ ବନ୍ଦୀ ଜୀବନ କାଟିବାକୁ ବାଧ୍ୟହେଲା। ଏଇଠି ମନରେ ପ୍ରଶ୍ନ ଉଠେ ଯେ, ଯେଉଁ ଦେଶରେ ଜଙ୍ଗଲ ବିଭାଗର କର୍ମଚାରୀମାନଙ୍କୁ ହାତ କରି ସେମାନଙ୍କ ପରୋକ୍ଷ ପ୍ରୋତ୍ସାହନରେ ବୀରାପ୍ପାନଙ୍କ ପରି ଶହ ଶହ ଚୋରା ବେପାରୀ କୋଟି କୋଟି ଟଙ୍କାର ମୂଲ୍ୟବାନ କାଠ ଓ ହାତୀଦାନ୍ତର ଅବାଧ କାରବାର କରି ସରକାରଙ୍କ ରାଜସ୍ୱ ହାନି କରନ୍ତି, ଯେଉଁ ଦେଶର ମନ୍ତ୍ରୀ ଓ ସିନେମା ତାରକାଙ୍କ ଭୋଜନ ନିମନ୍ତେ ଅତ୍ୟନ୍ତ ସୁଆଦିଆ ବିରଳ ମୃଗମାଂସ ଯୋଗାଇ ଦିଆଯାଏ, ସେତେବେଳେ ଏ ଦେଶର ଆଇନ କୁଆଡ଼େ ଯାଏ ? ସବୁ ଦେଖି କିଛି ନ ଦେଖିବା ପରି ଅଭିନୟ କରୁଥିବା ବନ୍ୟପ୍ରାଣୀ ବିଭାଗ ଏ କ୍ଷେତ୍ରରେ କି ପଦକ୍ଷେପ ନିଏ ବା ନେଇଛି ତାହା ମସ୍ତବଡ଼ ପ୍ରଶ୍ନବାଚୀ। ଦୈନିକ ଶହ ଶହ ଚୋରାକାଠ ବୋଝେଇ ଟ୍ରକ ଅବାଧରେ ଯା'ଆସ କରୁଥିବା ବେଳେ ଜଙ୍ଗଲ ବିଭାଗର କର୍ମଚାରୀମାନେ ନୀରବଦ୍ରଷ୍ଟା ସାଜିଥାନ୍ତି ଅଥଚ କାଣୀ ବିରାଡ଼ିଟି କୁଜି ଅସରପା ଉପରେ ରାଗ ଶୁଝେଇବା ପରି ସମ୍ପୃକ୍ତ ବିଭାଗ ବିଡେ ଅଧେ କାଠ ବିକି ଆପଣାର ପରିବାର ପ୍ରତିପୋଷଣ କରୁଥିବା ଗରିବ ଲୋକଟାକୁ କାଠଚୋର ସଜେଇ ଦେଇ ଜେଲର ଅନ୍ଧାରୀ ମୂଲକକୁ ପଠେଇ ଦେଇଥାଏ। ସତ କହିବାକୁ ଗଲେ ମଣିଷ ହୃଦୟର ଭାଷାକୁ ବୁଝିପାରୁ ନ ଥିବା ଏହି ପଶୁପକ୍ଷୀପ୍ରେମୀମାନଙ୍କର ପଶୁପକ୍ଷୀଙ୍କ ପ୍ରତି ଏମିତି କୃତ୍ରିମ ଭଲପାଇବା ଦେଖିଲେ ଲାଗେ ଏମାନେ ଯେମିତି ସେମାନଙ୍କ ହୃଦୟର ଭାବ ଓ ଭାଷାକୁ ବୁଝି ପାରୁଥିବା ଜଣେ ଜଣେ ଦେବଦୂତ। କହିବା ବାହୁଲ୍ୟ ଯେ, ଏମାନଙ୍କ ଘରର ଅଇଁଠା କଣ୍ଟାକୁ ଭରସା କରି ପଡ଼ି ରହିଥିବା କୁକୁର କିମ୍ବା ବିଲେଇଟିଏ ଦେଖିଲେ ଏମାନେ ଠେଙ୍ଗା ଉଚାଇ ଦୂର୍‌ଦୂର୍, ଛିନ୍ ଛିନ୍ ହୁଅନ୍ତି। ଆବଶ୍ୟକସ୍ଥଳେ ସେହି ନିରୀହ ପଶୁମାନଙ୍କ ଉପରକୁ ଇଟା, ପଥର କିମ୍ବା ଗରମ ପାଣି ଫିଙ୍ଗିବାକୁ ଏମାନଙ୍କର ଦ୍ୱିଧା ନ ଥାଏ। ପଶୁପକ୍ଷୀମାନଙ୍କ ପ୍ରତି ଏମାନଙ୍କ ମନରେ ଥିବା ଅହେତୁକ ଭଲ ପାଇବା, ମାଂସ କିଣିବା ପାଇଁ ଦୋକାନ ପାଖରେ ଘଣ୍ଟା ଘଣ୍ଟା ଧରି ଅପେକ୍ଷା କରିବା ଓ ମାଂସ କଟାଳିର ତୀକ୍ଷ୍ଣ କତୁରୀ ଆଘାତରେ ନିରୀହ ଛେଳି କିମ୍ବା କୁକୁଡ଼ା ହତ୍ୟା ହେଉଥିବା ଭଳି ବୀଭତ୍ସ ଓ ହୃଦୟ ବିଦାରକ ଦୃଶ୍ୟ ଦେଖିବା ପରେ ଏମାନଙ୍କ ମନରେ କ'ଣ କିଛି ବି ପ୍ରତିକ୍ରିୟା ହୁଏନି ନା ମାଂସ ଖାଇବାର ଲୋଭବଶତଃ ଏମାନେ ଛାତି ଉପରେ ପଥର ଲଦି ଦିଅନ୍ତି ? ଏବେ ବି ଆମ ଦେଶରେ ବିଭିନ୍ନ ଦେବଦେବୀ ପୀଠରେ ପଶୁପକ୍ଷୀ ବଳି ଦିଆଚାଲିଛି। ୧୯୭୨ ମସିହା ବନ୍ୟପ୍ରାଣୀ ସଂରକ୍ଷଣ ଆଇନ ଅନୁଯାୟୀ ଦେଶର ବିଭିନ୍ନ ସ୍ଥାନରେ ପଶୁପକ୍ଷୀମାନଙ୍କ ନିରାପଦ ଅବସ୍ଥାନ ପାଇଁ ଅଭୟାରଣ୍ୟମାନ ସ୍ଥାପନ କରାଯାଇଥିଲେ ମଧ୍ୟ ବିଭାଗୀୟ କର୍ତ୍ତୃପକ୍ଷଙ୍କ ଚରମ ଉଦାସୀନତା ଓ ଦାୟିତ୍ୱହୀନତା ଯୋଗୁ ସେଠାରେ ପଶୁପକ୍ଷୀମାନେ ଏକ ସୁନ୍ଦର ଓ ସୁରକ୍ଷିତ ଜୀବନ ଜିଇଁବା ବଦଳରେ ନିହାତି ଅସହାୟ ଓ ଅସୁରକ୍ଷିତ ହୋଇପଡୁଛନ୍ତି। ସାମାଜିକ ସ୍ତରରେ ସଚେତନତା ସୃଷ୍ଟି କରିବା ଲକ୍ଷ୍ୟରେ ଆମ ଦେଶରେ 'ଜୀବେ ନିଷ୍ଠୁରତା ନିରୋଧ ସମିତି' ନାମକ ଏକ ସଂସ୍ଥା କାର୍ଯ୍ୟ କରୁଛି ଯାହାର ଲକ୍ଷ୍ୟ ଜୀବମାନଙ୍କ ପ୍ରତି ନିଷ୍ଠୁରତା ଆଚରଣ ପରିତ୍ୟାଗ କରିବା ପାଇଁ ସାଧାରଣରେ ସଚେତନତା ସୃଷ୍ଟି କରିବା ସହିତ ପଶୁପକ୍ଷୀଙ୍କୁ ସ୍ୱାଧୀନ ବିଚରଣର ସୁବିଧା ଯୋଗାଇଦେବା। ହେଲେ ବାସ୍ତବ କ୍ଷେତ୍ରରେ ଏହା କାର୍ଯ୍ୟକାରୀ ହୋଇଛି କି ? ସେମିତି ଦେଖିବାକୁ ଗଲେ ଅହରହ ନିଜର ଜୀବନଜୀବିକାକୁ ନେଇ ବ୍ୟସ୍ତ ଥିବା ଖଟିଖିଆ ମଣିଷଟେ ଯାହାକୁ ଅଜ୍ଞ ଓ ନିରକ୍ଷରର ଆଖ୍ୟା ଦିଆଯାଇଥାଏ, ସେ କ'ଣ କେବେ ସଉକରେ ତା'ଘରେ ପଶୁପକ୍ଷୀ ପାଳିଥାଏ ନା ସପ୍ତାହକୁ ଥରେ ମାଂସ ଖାଇବାର ସାମର୍ଥ୍ୟ ତା' ପାଖରେ ଥାଏ। ବରଂ ଯେଉଁ କ୍ଷମତା ଓ ପ୍ରତିପତ୍ତିଶାଳୀ ବ୍ୟକ୍ତିମାନଙ୍କୁ ସଚେତନ ବୋଲି କୁହାଯାଇଥାଏ ସେମାନେ ବିନା ମାଂସରେ ଭୋଜନ କରନ୍ତି ନାହିଁ। ଲୋକ ଦେଖାଣିଆ ଭାବରେ ଏମାନେ ପଶୁପକ୍ଷୀ ପ୍ରେମରେ ଉଛୁଳି ପଡ଼ନ୍ତି ଅଥଚ ସକାଳୁ ସକାଳୁ ମାଂସ ଦୋକାନ ଆଗରେ ମାଂସ କିଣିବାକୁ ପ୍ରତିଯୋଗିତା କରନ୍ତି।

ସଂପ୍ରତି ଆମ ଦେଶର ଜଙ୍ଗଲ ଓ ପଶୁପକ୍ଷୀମାନଙ୍କ ସୁରକ୍ଷା ପାଇଁ କାର୍ଯ୍ୟ କରୁଥିବା ବନ୍ୟପ୍ରାଣୀ ବିଭାଗର ଦକ୍ଷତା, କର୍ତ୍ତବ୍ୟପରାୟଣତା ଓ ସ୍ୱଚ୍ଛତାକୁ ନେଇ ବେଳେ ବେଳେ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଥାଏ ଆଉ ହେବାବି ସ୍ୱାଭାବିକ। କାରଣ ଆମ ଦେଶର ଜଙ୍ଗଲ ସମ୍ପଦଠାରୁ ଜଙ୍ଗଲରେ ବାସ କରୁଥିବା ପଶୁପକ୍ଷୀମାନଙ୍କର ଧ୍ୱଂସ ମୂଳରେ ମାଫିଆମାନଙ୍କ ସହିତ ସଂପୃକ୍ତ ବିଭାଗୀୟ କର୍ମଚାରୀମାନେ ସମପରିମାଣରେ ଦାୟୀ। ଏଭଳି ପରିସ୍ଥିତିରେ କେବଳ କେତେକ ଦୁର୍ବଳ ଶ୍ରେଣୀ ଲୋକଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଲକ୍ଷ୍ୟ ହାସଲ ହୋଇପାରିବ କି ?

(ଧରିତ୍ରୀ - ୧୨/୧୨/୦୭)

❖ ❖ ❖